# NATIONAL NEWS BULLETIN (ODIA)

## 18 June 2026

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଆଜିଠାରୁ ୫ ଦିନିଆ ମଧ୍ୟପ୍ରଦେଶ ଓ ଓଡ଼ିଶା ଗସ୍ତ ଆରମ୍ଭ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- କୃତିମ ବୁଦ୍ଧିମତାର ବ୍ୟବହାର କ୍ଷେତ୍ରରେ ନିରାପଦ, ସମାବେଶୀ ଓ ମାନବ କୈନ୍ଦ୍ରିକ ବ୍ୟବସ୍ଥା ଗ୍ରହଣ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।
- ଫ୍ରାନ୍ସ ଗସ୍ତର ଶେଷ ପର୍ଯ୍ୟାୟରେ ଆଜି ଭିଭାଟେକ୍ ୨୦୨୬ ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ଜଳବାୟୁ ସଂକଟ, ବିବାଦ ଓ ଅର୍ଥାଭାବ ହେତୁ ବିଶ୍ୱର ୧୩ଟି ସ୍ଥାନରେ କ୍ଷୁଧା ବୃଦ୍ଧି ପାଇବା ନେଇ ଜାତିସଂଘର ରିପୋର୍ଟ୍ ।

ଏବଂ

- ତିନି ମ୍ୟାଚ୍ ବିଶିଷ୍ଟ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ଏକଦିବସୀୟ ମ୍ୟାଚ୍‌ରେ ୧୭୦ରନ୍‌ରେ ଆଫ୍‌ଗାନିସ୍ତାନକୁ ପରାସ୍ତ କଲା ଭାରତ ।

– ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ଗ୍ରୁପ୍-ଏ’ ମ୍ୟାଚ୍‌ରେ ନେଦରଲ୍ୟାଣ୍ଡସ୍‌କୁ ୯୫ରନ୍‌ରେ ପରାସ୍ତ କଲା ଭାରତୀୟ ମହିଳା ଦଳ ।

## ପ୍ରେଜ୍-ଏମ୍‌ପି-ଓଡ଼ିଶା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ୫ଦିନିଆ ମଧ୍ୟପ୍ରଦେଶ ଓ ଓଡ଼ିଶା ଗସ୍ତ ଆରମ୍ଭ କରିବେ । ଗସ୍ତର ପ୍ରଥମ ଦିନିରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମଧ୍ୟପ୍ରଦେଶର ବେତୁଲଠାରେ ଆଧ୍ୟାତ୍ମିକ ଜାଗରଣ ମାଧ୍ୟମରେ ଆଦିବାସୀ ସମାଜର ସଶକ୍ତିକରଣ ଉପରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ଆସନ୍ତାକାଲି ରାଷ୍ଟ୍ରପତି ମଧ୍ୟପ୍ରଦେଶର ଓମ୍‌କାରେଶ୍ୱରରେ ଆନ୍ତର୍ଜାତିକ ସିକିଲ୍‌ସେଲ୍ ଦିବସ ସମାରୋହରେ ଯୋଗଦେବେ । ସେହିଦିନ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବନେଶ୍ୱର ଅଖିଳଭାରତୀୟ ଆୟୁରବିଜ୍ଞାନ ସଂସ୍ଥାନ ଏମସ୍ ଦ୍ୱାରା ଆୟୋଜିତ ଏକ ଚିକିତ୍ସା ଶିବିରର ଉଦ୍‌ଘାଟନ କରିବା ସହ ଓଡ଼ିଶାର ରାଇରଙ୍ଗପୁର ସ୍ଥିତ କୁସୁମି ବ୍ଲକ୍ ଅନ୍ତର୍ଗତ ଖଣି ପ୍ରଭାବିତ ଗ୍ରାମଗୁଡ଼ିକ ପାଇଁ ଏକ ମେଗା ସମନ୍ୱିତ ଗ୍ରାମୀଣ ପାଇପ୍ ଜଳ ଯୋଗାଣ ପ୍ରକଳ୍ପକୁ ଉତ୍ସର୍ଗ କରିବେ ।

ଶନିବାର ଦିନ ରାଷ୍ଟ୍ରପତି ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାହାଡ଼ପୁରର ସ୍କୁଲ୍ ଏବଂ ଦକ୍ଷତା କେନ୍ଦ୍ର ପରିଦର୍ଶନ କରି ହିତାଧିକାରୀ ଓ ଛାତ୍ରଛାତ୍ରୀଙ୍କ ସହ କଥାବାର୍ତ୍ତା କରିବେ । ସେହିଦିନ ଏକ କାର୍ଯ୍ୟକ୍ରମରେ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଯୋଗଦେବେ । ୨୧ ତାରିଖରେ ମଧ୍ୟପ୍ରଦେଶର ଜବଲପୁରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆନ୍ତର୍ଜାତିକ ଯୋଗଦିବସ କାର୍ଯ୍ୟକ୍ରମରେ ସାମିଲ ହେବେ । ସେହିଦିନ ରାଷ୍ଟ୍ରପତି ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

ଗସ୍ତର ଶେଷ ଦିନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ସହରିଆ ଜନଜାତିର ସଦସ୍ୟ, ଚିତା ଟ୍ରାକର୍, ପର୍ଯ୍ୟଟନ ଗାଇଡ୍ ଏବଂ କୁନୋ କ୍ଷେତ୍ର ଦଳ ସହ ଭାବବିନିମୟ କରିବାର କାର୍ଯ୍ୟକ୍ରମ ରହିଛି ।

## ପିଏମ୍-ଏଆଇ-ଜି-୭ ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୃତ୍ରିମ ବୁଦ୍ଧିମତାର ବ୍ୟବହାର କ୍ଷେତ୍ରରେ ଏକ ନିରାପଦ, ସମାବେଶୀ ଏବଂ ମାନବ କୈନ୍ଦ୍ରିକ ବ୍ୟବସ୍ଥା ଗ୍ରହଣ କରିବା ଲାଗି ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଏ.ଆଇ.ର

ପ୍ରକୃତ ଶକ୍ତି ମେସିନ୍‌ର ଶକ୍ତିରେ ନୁହେଁ ବରଂ ସାଧାରଣ ଲୋକଙ୍କ ବିକାଶ ଦିଗରେ ଏହାର ପ୍ରକୃତ ବ୍ୟବହାରରେ ନିହିତ ଅଛି ।

ଗତକାଲି ଜି-୭ ସମ୍ମିଳନୀର ଏକ ଅଧିବେଶନରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, କୃତ୍ରିମ ବୁଦ୍ଧିମତା ମାନବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଆଣିବାର ଦକ୍ଷତା ରଖିଛି । ତେବେ ସେ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ପ୍ରଭାବଶାଳୀ ଆକାର ଏବଂ ଶାସନ ଦ୍ୱାରା ନିର୍ଦ୍ଦେଶିତ ହେବାର ଆବଶ୍ୟକତା ରହିଛି । ଶ୍ରୀ ମୋଦୀ ଡିଜିଟାଲ୍ ଯୁଗରେ ଶିଶୁମାନଙ୍କ ସୁରକ୍ଷା ପାଇଁ କୃତ୍ରିମ ବୁଦ୍ଧିମତାର ଫଳପ୍ରଦ ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେ କହିଛନ୍ତି, ଏ.ଆଇ. ଦ୍ୱାରା ଶିକ୍ଷଣ ଏବଂ ନବସୃଜନକୁ ଅଧିକ ପରିବ୍ୟାପ୍ତ କରାଯାଇପାରିବ କିନ୍ତୁ ଯୁବ ବ୍ୟବହାରକାରୀମାନଙ୍କୁ ଏହା ଯେଭଳି ଅମୂଳକ ସୂଚନା ଓ ଡିପ୍‌ଫେକ୍‌ର ବ୍ୟବହାର ଠାରୁ ଦୂରେଇ ରଖିବ ସେଥିପାଇଁ ଉଦ୍ୟମ କରାଯିବାର ଆବଶ୍ୟକତା ରହିଛି ।

ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱର ସମସ୍ତ ଗଣତାନ୍ତ୍ରିକ ଦେଶଗୁଡ଼ିକ ଉନ୍ନତ ଏ.ଆଇ. ମଡେଲ୍‌କୁ ଆପଣାଇ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି  ସୂଚନାର ସୁରକ୍ଷା ଓ ବୃଦ୍ଧି ପାଉଥିବା ସାଇବର ସୁରକ୍ଷାକୁ ମଜବୁତ କରିବା ଆବଶ୍ୟକ । ପ୍ରଧାନମନ୍ତ୍ରୀ କହିଛନ୍ତି, କୃତ୍ରିମ ବୁଦ୍ଧିମତାର ବ୍ୟବହାର ଓ ଲାଭ ଗ୍ଲୋବାଲ୍ ସାଉଥ୍ ଦେଶଗୁଡ଼ିକୁ ଉପଲବ୍ଧ ହେବାର ଆବଶ୍ୟକତା ରହିଛି ।

## ଆୟୁଷ-ଯୋଗ ସଂଗମ

ଆସନ୍ତା ୨୧ ତାରିଖରେ ପାଳନ ହେବାକୁ ଥିବା ଆନ୍ତର୍ଜାତିକ ଯୋଗ ଦିବସ ପାଇଁ ଯୋଗ ସଂଗମ ପୋର୍ଟାଲ୍‌ରେ ୧ ଲକ୍ଷ ୭୦ ହଜାରରୁ ଅଧିକ ସଂଗଠନ ପଞ୍ଜିକରଣ କରିଛନ୍ତି । ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସମ୍ପୃକ୍ତ ସଂଗଠନ ଗୁଡ଼ିକ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଦେଶର କୋଣ ଅନୁକୋଣରେ ଯୋଗ ସମ୍ବନ୍ଧିତ ସଚେତନତା ବାର୍ତ୍ତା ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ । ବିଭାଗୀୟ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି, ଏହି କାର୍ଯ୍ୟକ୍ରମ ଜରିଆରେ ଦେଶର ହଜାରେଟି ସ୍ଥାନରେ ଯୋଗ ଦିବସ ପାଳନ କରାଯିବ ।

## ଗଭ୍ ୧୨ ଇୟର୍ସ୍

ଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ' ମନ୍ତ୍ରକୁ ଆଧାର କରି ଭାରତରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଗରିବ, କୃଷକ, ମହିଳା ଓ ଯୁବବର୍ଗଙ୍କ କଲ୍ୟାଣ ଏବଂ ସଶକ୍ତୀକରଣ ପାଇଁ ସରକାର ଅନେକ ଜନକଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶ୍ୱାସ, ବିକାଶ ଏବଂ ଜନକଲ୍ୟାଣର ୧୨ ବର୍ଷ ଶୀର୍ଷକ

ଏହି ଧାରାବାହିକରେ ଆଜି ଆସନ୍ତୁ ଜାଣିବା – ନକ୍ସଲବାଦ ଦୂର କରିବା ଏବଂ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ବିକାଶ ମୂଳକ କାର୍ଯ୍ୟ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ।

ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଦେଶକୁ ନକ୍ସଲବାଦ ଏବଂ ମାଓବାଦର ଭୟରୁ ମୁକ୍ତ କରିବା ଲାଗି ସୁ-ସମନ୍ୱିତ ଢଙ୍ଗରେ ଦୀର୍ଘକାଳୀନ ଯୋଜନା ଜରିଆରେ ଉଦ୍ୟମ ଜାରି ରଖିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓମୁକ୍ତ କରିବା ଲାଗି ପୂର୍ବରୁ ଘୋଷଣା କରିଥିଲେ ଓ ତାହା ସଫଳ ହୋଇଛି । ଗତ କିଛି ବର୍ଷ ମଧ୍ୟରେ ମାଓ ନେଟ୍‌ୱାର୍କକୁ ଦମନ କରିବା କ୍ଷେତ୍ରରେ ସୁରକ୍ଷା ଅଭିଯାନଗୁଡ଼ିକ ସଫଳ ହୋଇଥିବା ବେଳେ ଏ କ୍ଷେତ୍ରରେ ସୁରକ୍ଷା କର୍ମୀଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ ହୋଇଛି । ୨୦୨୨ ମସିହାରେ ଝାଡ଼ଖଣ୍ଡର ବୁଦ୍ଧ ପାହାଡ଼ ଅଞ୍ଚଳରେ ଅକ୍ଟୋପସ୍ ଅଭିଯାନ ଆରମ୍ଭ କରାଯିବା ପରେ ସେହି ବର୍ଷ ଫେବୃୟାରୀରେ ଗୁମଲା, ଲୋହାରଡାକା ଏବଂ ଲାଟେହାର୍ ଜିଲ୍ଲାକୁ ମାଓମୁକ୍ତ କରାଯାଇଥିଲା । ସେହିପରି ଥଣ୍ଡରଷ୍ଟ୍ରମ୍, ବ୍ଲାକ୍‌ଫରେଷ୍ଟ ଭଳି ଅଭିଯାନ ଝାଡ଼ଖଣ୍ଡ ଓ ତେଲଙ୍ଗାନା, ଛତିଶଗଡ଼ ସୀମାବର୍ତ୍ତୀ ଅଞ୍ଚଳକୁ ମାଓମୁକ୍ତ କରିବାରେ ସଫଳତା ହାସଲ କରିଥିଲା ।

୨୦୨୪ରେ ୨୧୭ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୨୫ରେ ଏହି ସଂଖ୍ୟା ୨୫୬କୁ ବୃଦ୍ଧି ପାଇଥିଲା । ଚଳିତ ବର୍ଷ ଏ

ପର୍ଯ୍ୟନ୍ତ ୨୬ ଜଣ ନକ୍ସଲଙ୍କୁ ନିପାତ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ହିଡ୍‌ମା, କାର୍ଦ୍ଦି, ସତ୍ୟନାରାୟଣ ରେଡ୍ଡୀ, ଗଣେଶ ଓ୍ୱିକେ ଏବଂ ବାସବ ରାଜୁଙ୍କ ସମେତ ଅନେକ ଶୀର୍ଷ ନେତା ଅଛନ୍ତି ।

ମାଓବାଦ ଦମନକୁ ଦୃଢ଼ କରିବା ଲାଗି ଦେଶରେ ୫୯୬ଟି ସ୍ୱତନ୍ତ୍ର ପୋଲିସ୍ ଥାନା ସ୍ଥାପନ କରାଯାଇଥିବା ବେଳେ ସ୍ୱତନ୍ତ୍ର ଭିତ୍ତିଭୂମି ଯୋଜନାରେ ପ୍ରକଳ୍ପ ନିର୍ମାଣ ପାଇଁ ୧ ହଜାର ୭୬୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ।

# ପିଏମ୍-ପ୍ୟାରିସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଫ୍ରାନ୍ସ ଗସ୍ତର ଶେଷ ପର୍ଯ୍ୟାୟରେ ଗତକାଲି ରାତିରେ ପ୍ୟାରିସ୍‌ରେ ପହଞ୍ଚିଛନ୍ତି । ସେଠାରେ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ସେଠାରେ ପ୍ରଧାନମନ୍ତ୍ରୀ ମୋଦୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ସହିତ ଭିଭାଟେକ୍ ୨୦୨୬ରେ ଯୋଗଦେବେ । ୟୁରୋପର ଏହି ସର୍ବବୃହତ ପ୍ରଯୁକ୍ତିବିଦ୍ୟା ଏବଂ ଷ୍ଟାର୍ଟଅପ୍ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ ବୃଦ୍ଧି ପାଉଥିବା ନବସୃଜନ ଇକୋସିଷ୍ଟମ୍ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବେ । ଭିଭାଟେକ୍ ସମ୍ମିଳନୀର

ଏହି ସଂସ୍କରଣରେ ଭାରତର ବୃହତ ଜାତୀୟ ପାଭିଲିୟନ୍ ସ୍ଥାନ ପାଇବ । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀ ମୋଦୀ ଜି-୭ ଶିଖର ସମ୍ମିଳନୀରେ ଏକାଧିକ ବୈଠକରେ ଯୋଗଦେବା ପରେ ପ୍ୟାରିସ୍‌ରେ ପହଞ୍ଚିଥିଲେ । ଜି-୭ ସମ୍ମିଳନୀରେ ଶ୍ରୀ ମୋଦୀ ଶାସନ ଏବଂ ନୀତିନିର୍ଦ୍ଧାରଣର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ଭାରତର କାର୍ଯ୍ୟଦକ୍ଷତା ବିଷୟ ପ୍ରକାଶ କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବିଶ୍ୱର ବିକାଶ ପାଇଁ ଭାରତ ଗ୍ଲୋବାଲ୍ ସାଉଥ୍ ସହିତ ଘନିଷ୍ଠ ଭାବରେ କାମ କରିବାର ସୁଯୋଗ ପାଇଛି ।

ଗତକାଲି ଏକ ଆଉଟ୍‌ରିଚ୍ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ପଶ୍ଚିମ ଏସିଆ ସଂକଟର ଦୀର୍ଘ ସ୍ଥାୟୀ ପରିଣାମ ଉପରେ ନିଜର ଚିନ୍ତାବ୍ୟକ୍ତ କରିଥିଲେ । ଏହି ସମ୍ମିଳନୀ କାଳରେ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ୟୁ.କେ. ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର୍, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନେସ୍କି, ୟୁରୋପୀୟ ସଂଘ ନେତା ଉର୍ଷୁଲା ଭନ୍ ଡେର୍ ଲେୟନ୍, ଜର୍ମାନୀ ଚାନ୍‌ସେଲର ଫ୍ରେଡେରିଚ୍ ମର୍ଜ୍, ୟୁ.ଏ.ଇ. ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନ୍ୟାହାନ୍, କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ସମେତ ବହୁ ବିଶ୍ୱସ୍ତରୀୟ ନେତାମାନଙ୍କ ସହ ସାକ୍ଷାତ ଆଲୋଚନା

କରିଥିଲେ । ଆମେରିକା ରାଷ୍ଟ୍ରପତିଙ୍କ ସହ କଥାବାର୍ତ୍ତା ବେଳେ ଶ୍ରୀ ମୋଦୀ ନାବିକମାନଙ୍କ ସୁରକ୍ଷା ପ୍ରସଙ୍ଗ ନେଇ କହିଥିଲେ । ଇରାନ୍ ସହିତ ଆମେରିକାର ଶାନ୍ତିଚୁକ୍ତି କାର୍ଯ୍ୟକାରୀ କରିବା ସମୟରେ ନାବିକମାନଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା ଉଚିତ୍ ।

**V/O-PM On Peace Tack**

# ୟୁଏନ୍-ଗ୍ଲୋବାଲ୍ ହଙ୍ଗର

ଜାତିସଂଘର ଖାଦ୍ୟ ଏଜେନ୍ସି ପକ୍ଷରୁ ଜଳବାୟୁ ସଂକଟ, ଦେଶ ଦେଶ ମଧ୍ୟରେ ବିବାଦ ଓ ଅର୍ଥାଭାବ ହେତୁ ଆସନ୍ତା ମାସରେ ବିଶ୍ୱର ୧୩ଟି ସ୍ଥାନରେ କ୍ଷୁଧା ବୃଦ୍ଧି ପାଇବ ବୋଲି କୁହାଯାଇଛି । ବିଶ୍ୱ ଖାଦ୍ୟ ଏବଂ କୃଷି ସଂଗଠନ ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ରିପୋର୍ଟ୍‌ରେ ଏବେ ବିଶ୍ୱର ପ୍ରାୟ ୨୬୬ ନିୟୁତ ଲୋକ ଖାଦ୍ୟ ଅଭାବର ସମ୍ମୁଖୀନ ହେଉଥିବା କୁହାଯାଇଛି । ରିପୋର୍ଟ୍‌ରେ ସୁଦାମନ, ଦକ୍ଷିଣ ସୁଦାନ, ୟେମେନ୍ ଏବଂ ପାଲେଷ୍ଟାଇନ୍‌ରେ କ୍ଷୁଧାଭାବ ସବୁଠାରୁ ଅଧିକ ହୋଇଥିବା ବେଳେ ନାଇଜେରିଆ ଏବଂ ସୋମାଲିୟା ମଧ୍ୟ ଏହି ତାଲିକାରେ ସାମିଲ ହୋଇଛି । ଅନ୍ୟ ପକ୍ଷରେ ୨୦୨୨ ମସିହାଠାରୁ ଖାଦ୍ୟ ସହାୟତା ପାଇ ୬୦ ପ୍ରତିଶତ ଅର୍ଥ ହ୍ରାସ ପାଇଥିବା ରିପୋର୍ଟ୍‌ରେ ଦର୍ଶାଯାଇଛି ।

# ସ୍ପୋର୍ଟସ୍ ରାଉଣ୍ଡଅପ୍

୨୦୨୬ ଫିଫା ବିଶ୍ୱକପ୍‌ରେ ଇଂଲଣ୍ଡ ୪-୨ ଗୋଲ୍‌ରେ କ୍ରୋଏସିଆକୁ ପରାସ୍ତ କରି ଗ୍ରୁପ୍-ଏଲ୍’ ଅଭିଯାନ ଆରମ୍ଭ କରିଛି । ଆମେରିକାର ଆର୍ଲିନ୍‌ଟନ୍‌ର ଡଲାସ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯାଇଥିଲା । ଗତକାଲି ପର୍ତ୍ତୁଗାଲ୍ ଓ ଡିଆର୍ କଙ୍ଗୋ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍ ୧-୧ରେ ଅମିମାଂଶିତ ହୋଇଥିଲା । ସେହିପରି ଅଷ୍ଟ୍ରିଆ ୩-୧ ଗୋଲ୍‌ରେ ଜୋର୍ଡାନ୍‌କୁ ପରାସ୍ତ କରିଥିବା ବେଳେ ଆର୍ଜେଣ୍ଟିନା ୩-୦ ଗୋଲ୍‌ରେ ଆଲ୍‌ଜେରିଆକୁ ପରାସ୍ତ କରିଥିଲା । ଅନ୍ୟ ଏକ ମ୍ୟାଚ୍‌ରେ ନରୱେ ୪-୧ ଗୋଲ୍‌ରେ ଇରାକ୍‌କୁ ପରାସ୍ତ କରିଥିଲା ।

ତିନି ମ୍ୟାଚ୍ ବିଶିଷ୍ଟ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ଏକଦିବସୀୟ ମ୍ୟାଚ୍‌ରେ ଭାରତ ୧୭୦ରନ୍‌ରେ ଆଫ୍‌ଗାନିସ୍ତାନକୁ ପରାସ୍ତ କରି ୨-୦ରେ ଅଗ୍ରଣୀ ରହିଛି । ପ୍ରଥମେ ବ୍ୟାଟିଂ କରି ଭାରତ ୪୯ ଓଭର ୫ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୪୦୨ରନ୍ ସ୍କୋର କରିଥିଲା । ଶୁଭମନ ଗିଲ୍ ୧୫୪ ଏବଂ ଇଶାନ୍ କିଶାନ୍ ୧୨୫ରନ୍ ସ୍କୋର କରିଥିଲେ । ଜବାବରେ ଆଫ୍‌ଗାନିସ୍ତାନ ୪୪ ଓଭର ୩ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୨୩୨ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଶୁଭମନ ଗିଲ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଆସନ୍ତା ଶନିବାର ଦିନ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଚେନ୍ନାଇରେ ଖେଳାଯିବ ।

ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଗତକାଲି ଅନୁଷ୍ଠିତ ଗ୍ରୁପ୍-ଏ ମ୍ୟାଚ୍‌ରେ ଭାରତ ୯୫ରନ୍‌ରେ ନେଦରଲ୍ୟାଣ୍ଡସ୍‌କୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଭାରତୀୟ ମହିଳା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୨୦୯ରନ୍ ସ୍କୋର କରିଥିଲା । ସ୍ମୃତି ମନ୍ଧାନା ୭୪ ଏବଂ ସେଫାଳି ବର୍ମା ୫୫ରନ୍ ସ୍କୋର କରିଥିଲେ । ଏହାର ଜବାବରେ ନେଦରଲ୍ୟାଣ୍ଡସ୍ ୧୭ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୧୪ରନ୍ ସ୍କୋର କରିଥିଲା । ସ୍ମୃତି ବନ୍ଧାନାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ନେଦରଲ୍ୟାଣ୍ଡସ୍‌ର ରୋଟରଡାମ୍‌ରେ ଅନୁଷ୍ଠିତ ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍ ହକି ପ୍ରତିଯୋଗିତାରେ ଭାରତ ୩-୧ ଗୋଲ୍‌ରେ ଜର୍ମାନ୍‌କୁ ପରାସ୍ତ କରିଛି । ଆଜି ଭାରତ ଏବଂ ଜର୍ମାନ୍ ମଧ୍ୟରେ ଅନ୍ୟ ଏକ ମ୍ୟାଚ୍ ଖେଳାଯିବା ସହ ଆସନ୍ତା ରବିବାର ଦିନ ଭାରତ-ନେଦରଲ୍ୟାଣ୍ଡସ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଆଗାମୀ ସପ୍ତାହରେ ଭାରତ ପାକିସ୍ତାନ ଏବଂ ଇଂଲଣ୍ଡ ବିପକ୍ଷରେ ଦୁଇଥର ମ୍ୟାଚ୍ ଖେଳିବ ।

ଚୀନ୍‌ର ଗୁଇୟାଙ୍ଗରେ ଚାଲିଥିବା ବିଶ୍ୱ ବକ୍ସିଂ କପ୍ ୨୦୨୬ରେ ଗତକାଲି ଭାରତୀୟ ମୁଷ୍ଟି ଯୋଦ୍ଧା ନିଖିଲ, ଦୀପକ ଏବଂ ସାନେହ ବିଜୟ ଲାଭ କରିଛନ୍ତି । ୫୫ କିଲୋଗ୍ରାମ୍ ବର୍ଗରେ ନିଖିଲ ବ୍ରାଜିଲ୍‌ର କେଲ୍‌ଭି ତ୍ରିନିଦାଦେଙ୍କୁ ୫-୦ରେ ପରାସ୍ତ କରି କ୍ୱାର୍ଟର ଫାଇନାଲ୍‌କୁ ଉନ୍ନିତ ହୋଇଥିବାବେଳେ ୭୦ କିଲୋଗ୍ରାମ ବର୍ଗରେ ଦୀପକ ୫-୦ରେ ଜାପାନର ସିୱନ୍ ଓକାଜାୱାଙ୍କୁ ପରାସ୍ତ କରିଛନ୍ତି । ୬୫ କିଲୋଗ୍ରାମ

ମହିଳା ବର୍ଗରେ ସାନେହ ୪-୧ରେ ଦକ୍ଷିଣ କୋରିଆର ସିଓନ୍ ସୁଜିନ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି । ଆଜି ୫୧ କିଲୋଗ୍ରାମ ମହିଳା ବର୍ଗରେ ମିନାକ୍ଷୀ ଏବଂ ୬୫ କିଲୋଗ୍ରାମ ପୁରୁଷବର୍ଗରେ ଅବିନାଶ ଜମୱାଲ୍ ମ୍ୟାଚ୍ ଖେଳିବେ ।

ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନ୍‌ରେ ଭାରତୀୟ ଖେଳାଳି ଅନମୋଲ ଖାରବ, ଇଶାରାଣୀ ବରୱା, ଅସ୍ମିତା ଚାଲିହା ଏବଂ ଥରୁନ ମାନେପାଲି ପ୍ରି’ କ୍ୱାର୍ଟର ଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି ।